## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ

**ଧରାକୋଟ/ବୁଗୁଡ଼ା,୧୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ/କାଳି ପ୍ରସାଦ ଦାଶ)**

ଧରାକୋଟ ଓ ବୁଗୁଡ଼ା ବ୍ଲକରେ ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ଧରାକୋଟ ବ୍ଲକ ବରଡ଼ାବାଲି ପଞ୍ଚାୟତ ପ୍ରତାପୁରର ନୀଳମଣି ବିଷୋୟୀ ଶନିବାର ପୋଖରୀକୁ ଶୌଚ ପାଇଁ ଆସି ନିଖୋଜ ଥିଲେ। ରବିବାର ଜଣେ ବାଳିକା ପାଣିରେ କେହିଜଣେ ଭାସୁଥିବା ଦେଖି ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ବଡ଼ଗଡ଼ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ସେଠାରେ ପହଞ୍ଚିଥିଲେ। ମୃତଦେହ ଉଦ୍ଧାର ପରେ ତାହା ନୀଳମଣିଙ୍କର ବୋଲି ଜଣାପଡିଥିଲା। ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ବୁଗୁଡ଼ା ଥାନା ଅନ୍ତର୍ଗତ ସୋଲଣ୍ଡି ଗ୍ରାମର ବୁଦ୍ଧିରାମ ପ୍ରଧାନ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ରାଣିପଡ଼ା ପ୍ରିମିୟମ ଲିଃ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୋଲସରା,୧୧।୨(ସୁବ୍ରତ ବେହେରା)**

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ରାଣିପଡ଼ା ପ୍ରିମିୟମ ଲିଃ ପକ୍ଷରୁ ରବିବାର ଆୟୋଜିତ ଟୁର୍ନାମେଣ୍ଟକୁ ସାମାଜିକ କର୍ମୀ ତଥା ଆଇନଜୀବି ମନୋଜ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଟୁର୍ନାମେଣ୍ଟ ଦୀର୍ଘ ୧୦ ଦିନ ଧରି ଚାଲିବ। ରବିବାର ପ୍ରଥମ ଦିନ ରାଉଣ୍ଡରେ ଗଞ୍ଜାମ ଟାଇଗର ସହ ଜୟ ଶ୍ରୀୟା ରାମ ଖେଳ ଆରମ୍ଭ ହୋଇଛି। ଉକ୍ତ ସମୟରେ କଳମ୍ବ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସଂଗ୍ରାମ, ସୀମାଞ୍ଚଳ, ମନୋଜ କୁମାର ରଥଙ୍କ ସମେତ ସମସ୍ତ ସମର୍ଥକ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ବିକାଶରେ ଦେଶର ପ୍ରଗତି

**ପୁରୁଷୋତ୍ତମପୁର,୧୧।୨(ସୀମାଞ୍ଚଳ ମିଶ୍ର)**

ପୁରୁଷୋତ୍ତମପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ରଙ୍କ ସଂଯୋଜନାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଣମାଧ୍ୟମର ବରିଷ୍ଠ ପ୍ରତିନିଧି ସୁରେନ୍ଦ୍ର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ନଗର ବିଜେଡି ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଶିକ୍ଷକ ବିଶ୍ୱରଞ୍ଜନ ବଳ, ଅମିତ ସାମନ୍ତରାୟ, ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ର ହିଁ ଦେଶର ଭବିଷ୍ୟତ, ଏଣୁ ସେମାନଙ୍କ ବିକାଶ ହେଲେ ହିଁ ଦେଶର ବିକାଶ ହୋଇପାରିବ ବୋଲି କହିବା ସହ ଶିକ୍ଷା ହେଉଛି ସମାଜର ଦର୍ପଣ, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦେଇ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ରୋଜି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅଙ୍କିତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ମହାନଦୀ ହାଉସ୍ ଚାମ୍ପିୟନ ଆଖ୍ୟା ପାଇ ପୁରସ୍କୃତ ହେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଓଡ଼ିଶା ଆଉଟ୍ ସୋର୍ସିଂ ପୌର କର୍ମଚାରୀ ସଂଘର ଜିଲା ସମ୍ମିଳନୀ

**ଗୋପାଳପୁର,୧୧।୨(ନବୀନ ରାଜ ଆଚାରୀ)**

## ଦାବି ଅଣଦେଖା କଲେ ଆନ୍ଦୋଳନ ତୀବ୍ର ହେବ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ଗୋପାଳପୁରଠାରେ ଓଡିଶା ଆଉଟ ସୋର୍ସିଂ ପୌର କର୍ମଚାରୀ ସଂଘ ପକ୍ଷରୁ ରବିବାର ଗଞ୍ଜାମ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳର ଶତାଧିକ ଆଉଟସୋର୍ସିଂ ପୌର ସଫେଇ କର୍ମଚାରୀ ଏକ ବିଶାଳ ରାଲିରେ ଗୋପାଳପୁର ଦଳିତ ସାହିରୁ ବାହାରି ମୁତଲାମ୍ମା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ସଂଘ ସଭାପତି ପ୍ରଶାନ୍ତ ପରିଚ୍ଛାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କର୍ମଚାରୀମାନେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ କୃଷକ ତଥା ଶ୍ରମିକ ବିରୋଧୀ ନୀତି ବିରୋଧରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସର୍ବଭାରତୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଆସନ୍ତା ଫେବୃୟାରୀ ୧୬ ତାରିଖରେ ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦକୁ ଆଉଟ ସୋର୍ସିଂ ପୌର କର୍ମଚାରୀ ସଂଘ ସମର୍ଥନ ଜଣାଇ ସେଥିରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲା। ରାଜ୍ୟ ସଂଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ ସରକାର କିଭଳି କମ ପ୍ରାପ୍ୟରେ ଶ୍ରମିକଙ୍କୁ ଲୁଟୁଛନ୍ତି ଓ କର୍ମଚାରୀଙ୍କ ଦାବିକୁ ଅଣଦେଖା କରୁଛନ୍ତି। ଏହାକୁ ନେଇ ଆଗକୁ ଆନ୍ଦୋଳନ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ଏନଏସି, ମ୍ୟୁନିସିପାଲିଟି ଓ ମହାନଗରଗୁଡିକର ପରିମଳ ବିଭାଗରେ ଆଉଟ ସୋର୍ସିଂ ମାଧ୍ୟମରେ କର୍ମଚାରୀମାନେ କାମ କରୁଛନ୍ତି। ବିଭିନ୍ନ ସମୟରେ ଅଧିକାଂଶ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଫଳରେ କର୍ମୀଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ପୂର୍ବରୁ ସରକାରଙ୍କ ନିକଟରେ ନିଜ ଦାବି ଉପସ୍ଥାପନ ପାଇଁ ବାରମ୍ବାର ଆନ୍ଦୋଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଓ ଗୋପାଳପୁର ଏନଏସିରେ ନୂତନ ସଂଘ ଗଠିତ ହୋଇଥିଲା। ବୈଠକରେ ମହାସଂଘର ଆବାହକ ତଥା ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ମହାସଂଘର ନେତା ପ୍ରଶାନ୍ତ ମହାରଣା, ପୌର କର୍ମଚାରୀ ନେତା ମୋହନ ନାୟକ,ଗୋପାଳପୁର ସଭାପତି ଟୁନା ରଥ, ସଞ୍ଜୟ ସ୍ୱାଇଁ, ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନଜୀବୀ ସଂଘର ଜିଲା ସମ୍ମିଳନୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୧୧।୨(ସୁରେନ୍ଦ୍ରନାଥ ସାହୁ)**

ଭାରତୀୟ ଆଇନଜୀବୀ ସଂଘର ଚତୁର୍ଥ ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସିକା ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ । ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ପିତବାସ ପଣ୍ଡା ସମ୍ମିଳନୀକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସଂପାଦକ ଚିତ୍ତରଞ୍ଜନ ନନ୍ଦ, ମୁଖ୍ୟବକ୍ତା ଭାବେ ସାଂଗଠନିକ ସଂପାଦକ ଡ. ପ୍ରଶାନ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ସଦାନନ୍ଦ ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା, ଆସିକା ଓକିଲ ସଂଘ ସଂପାଦକ ନାରାୟଣ ମୁନି ପ୍ରମୁଖ ଯୋଗଦେଇଥିଲା । ଏହି ଅବସରରେ ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ ଶୀର୍ଷକ ଏକ ଆଲୋଚନାଚକ୍ରରେ ବକ୍ତାମାନେ ସମ୍ବିଧାନ ମୁଖବନ୍ଧରେ ଲିଖିତ ସମାଜବାଦ, ଧର୍ମନିରପେକ୍ଷ ଓ ଗଣତନ୍ତ୍ର ଉପରେ ବିପଦ ଦେଖାଦେଇଥିବା ମତବ୍ୟକ୍ତ କରିବା ସହ ସମାଜର ଜାଗ୍ରତ ପ୍ରହରି ରୂପେ ରହିଥିବା ଆଇନଜୀବୀମାନେ ଏହାର ସୁରକ୍ଷା ଲାଗି ଆଗେଇ ଆସିବାକୁ ଆହ୍ୱାନ କରାଯାଇଥିଲା। ଏଥିସହ ଆଇନଜୀବୀମାନଙ୍କ ଜୀବନ ଜୀବିକା ସହ ସଂପୃକ୍ତ ବିଭିନ୍ନ ଦାବିକୁ ସରକାର ଓ ରାଜ୍ୟ ଆଇନଜୀବୀ ପରିଷଦ ଗ୍ରହଣ କରିବା ଲାଗି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା।

ଏହି ଅବସରରେ ଜିଲା ସଂପାଦକ ବିଦେଶୀ ନାହାକ, ସଂଗଠନର ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିବା ସହ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା ଜିଲାସଭାପତି, ବିଦେଶୀ ନାହାକ, ହରପ୍ରସାଦ ରଥ ଓ ସିମାଞ୍ଚଳ ବେହେରା ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ । ଆଇନଜୀବୀ ନାରାୟଣ ଜେନା ଧନ୍ୟବାଦ ଦେଇଥିଲେ । ସମ୍ମିଳନୀରେ ଆସିକା ସମେତ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଆଇନଜୀବୀ ଅଂଶ ଗ୍ରହଣ କରିଥିଲେ ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧିତ ପୁସ୍ତିକା ଉନ୍ମୋଚନ କରାଯାଉଛି।

**କବିସୂର୍ଯ୍ୟନଗର,୧୧।୨(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ବ୍ଲକ ପାଚକଯମୁନାଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ଯୋଗ ଦେଇଥିଲେ। ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେବା ସହ ସମସ୍ତ ଜନପ୍ରତିନିଧି ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ବ୍ଲକ ପକ୍ଷରୁ ବିଡିଓ ସାଗରୀକା ଷଡ଼ଙ୍ଗୀ, ବିଏସଏସଓ ସହାୟିକା ଭବାନୀ ମହାପାତ୍ର, ସିଡିପିଓ ବୀଣାପାଣି ମିଶ୍ର, ଏମ୍‌ଆଇ ନିଖିଳ କୁମାର ବସ୍ତିଆ ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ସଚେତନ କରିଥିଲେ। ପରିଚାଳନା ଓ ସଂଯୋଜନା କରିଥିଲେ ଆସିକା ଏମ୍‌ପି ପ୍ରତିନିଧି ତଥା ପାଇକଯମୁନା ସରପଞ୍ଚ ସତ୍ୟବାନ ସାହୁ। ସଂଯୋଜନା ଓ ପରିଚାଳନାରେ ସହଯୋଗ କରିଥିଲେ ପ୍ରଧାନ ଶିକ୍ଷକ ଦିବାକର ଶତପଥୀ ଓ ଉପସ୍ଥାପକ ପ୍ରମୋଦ କୁମାର ସାହୁ। ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ବାଉଁସିଆ ସମିତି ସଭ୍ୟା ପ୍ରତିନିଧି ଗୋପୀନାଥ ନାୟକ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ନନ୍ଦିଆଗଡା ସରପଞ୍ଚ ରାଜଲକ୍ଷ୍ମୀ ଦାସ, ବାମ୍ଭ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ବଡ଼ମହୁରି ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ, ସୁବଳୟା ସରପଞ୍ଚ ରାଜେନ୍ଦ୍ର ପ୍ରଧାନ, ବୋରିସିଂ ସରପଞ୍ଚ ପ୍ରତିନିଧି ମୋହନ ବାରିକ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ କୁମାର ସେଠୀ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ପାଇକ ଯମୁନା ସମିତି ସଭ୍ୟ ଟୁନା ବିଷୋୟୀ, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ବୋଲସର ସରପଞ୍ଚ ଉମାରାଣୀ ବେହେରା, ବାମ୍ଭ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ଋଷିପୁର ସରପଞ୍ଚ ପ୍ରତିନିଧି ଦଣ୍ଡ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନ ପୂର୍ବରୁ ବିଭିନ୍ନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ଶିକ୍ଷା, କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେଡିର ବୈଠକ

**ବ୍ରହ୍ମପୁର,୧୧।୨(ନରସିଂହ ସାହୁ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସନ୍ତା ୧୪ ତାରିଖରେ ମହାନଗର ଉପକଣ୍ଠ ଶୀତଳାପଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ସଫଳ କରିବା ପାଇଁ ରବିବାର ବିଜେଡି ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ବୈଠକରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଓ କର୍ମୀମାନେ ଯୋଗ ଦେଇଥିଲେ। ଶୀତଳାପଲ୍ଲୀରେ ଏକ ଚିକିତ୍ସାଳୟକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ। ଗଜପତି ନଗରରେ ଆୟୋଜିତ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲା ପାଇଁ ମହିଳା ବିଜେଡିର ଜୋନ ସଭାନେତ୍ରୀ ମମତା ବିଶୋୟୀ, ମହାନଗର ସଂଗଠନର ସଭାନେତ୍ରୀ ସୋନାଲି ଗନ୍ତାୟତ, ପୂର୍ବତନ ମେୟର କେ. ମାଧବୀଙ୍କ ସମେତ ବହୁ ସଂଖ୍ୟକ ମହିଳା ନେତ୍ରୀ ଓ କର୍ମୀ ଯୋଗ ଦେଇଥିଲେ। ବିଭିନ୍ନ ଆଲୋଚନାରେ ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଜିଲା ବିଜେଡି ଉପସଭାପତି ଭଗବାନ ଗନ୍ତାୟତଙ୍କ ସମେତ ଜଗନ୍ନାଥ ସାବତ, ଅନିଲ ସାହୁ ଓ ଅନ୍ୟମାନେ ଭାଗ ନେଇଥିଲେ।

### ଲକ୍ଷାଧିକ ଟଙ୍କା, ସୁନାଗହଣା ଚୋରି

**ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ଅନ୍ତର୍ଗତ ସାତପାଣ୍ଡିଆ ଗ୍ରାମରେ ରହୁଥିବା କେ.ଆବୁଲ ରେଡ୍ଡୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ଲୁଟିଆଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି। କେ.ଆବୁଲ ପରିବାର ସହ ସାତପାଣ୍ଡିଆରେ ରୁହନ୍ତି। ଗତ ୯ତାରିଖ ରାତିରେ ଘରେ ସମସ୍ତେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ସେ ପରିସ୍ରା ପାଇଁ ଉଠିବା ବେଳେ ଆଲମିରାରେ ଥିବା ସମସ୍ତ ଜିନିଷପତ୍ର ବିଛେଇ ହୋଇପଡିଥିବା ଦେଖିଥିଲେ। ଆଲମିରାରୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ୩୭ ଗ୍ରାମର ବିଭିନ୍ନ ପ୍ରକାର ସୁନା ଗହଣା ଗାଏବ ହୋଇଯାଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୪/୨୪ରେ ମାମଲା ରୁଜୁ କରିଛି।

# ଗଞ୍ଜାମ ଜିଲା ପ୍ରଶାସନକୁ ସ୍କଚ୍ ପୁରସ୍କାର



ପୁରସ୍କାର ଗ୍ରହଣ କରୁଛନ୍ତି।

**ଛତ୍ରପୁର,୧୧।୨(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)**

ଗଞ୍ଜାମ ଜିଲା ପ୍ରଶାସନକୁ ଶନିବାର ନୂଆଦିଲ୍ଲୀସ୍ଥିତ ଭାରତୀୟ ସାମ୍ବିଧାନିକ କ୍ଲବଠାରେ ମିଶନ ଶକ୍ତି ଗ୍ରାମ୍ୟ ଶିଳ୍ପ ଉଦ୍ୟାନର ସଫଳ ରୂପାୟନ ନିମନ୍ତେ ଜାତୀୟସ୍ତରୀୟ ସ୍କଚ ପୁରସ୍କାର ପ୍ରଦାନ କରାଯାଇଛି । କିଛିଦିନ ପୂର୍ବେ ବିଭିନ୍ନ ରାଜ୍ୟର ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ନେଇ ଏହି ପୁରସ୍କାର ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଯେଉଁ ପ୍ରକ୍ରିୟାରେ ପାଞ୍ଚଟି ପର୍ଯ୍ୟାୟରେ ସଫଳ ଅଂଶଗ୍ରହଣ କରିଥିବାରୁ ଗଞ୍ଜାମ ଜିଲା ପ୍ରଶାସନକୁ ନିଜର ଉଚ୍ଚକୋଟୀର କାମ ନିମନ୍ତେ ସମ୍ମାନିତ କରାଯାଇଛି । ଜିଲା ପ୍ରଶାସନ ତରଫରୁ ଗଞ୍ଜାମ ଓରମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସୁନ୍ଦର ଶିବରାମ ପାଇଟୋଲ ଏବଂ ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ମ୍ୟାନେଜର ନବୀନ ସେନାପତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ।

# ରେଳ ଷ୍ଟେଶନରେ ୨ୟ ଅସ୍ଥାୟୀ ଫାଟକ ଖୋଲୁ



ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବ୍ରହ୍ମପୁର,୧୧।୨(ସ୍ମୃତି ରଞ୍ଜନ ମହାଲିକ)**

ବ୍ରହ୍ମପୁର ରେଳ ଷ୍ଟେଶନରେ ୨ୟ ଅସ୍ଥାୟୀ ପ୍ରବେଶ ପ୍ରସ୍ଥାନ ଫାଟକ ଖୋଲିବାକୁ ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି। ଏନେଇ ରବିବାର ଷ୍ଟେଶନ ସମ୍ମୁଖରେ ମଞ୍ଚ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଷ୍ଟେଶନ ଦେଇ ପ୍ରତିଦିନ ପ୍ରାୟ ୫୦ ଟ୍ରେନ ଓ ପ୍ରାୟ ୧୦ ହଜାର ଯାତ୍ରୀଙ୍କ ଯିବା ଆସିବା ଲାଗି ରହୁଛି। ତେଣୁ ଯାତ୍ରୀଙ୍କ ସୁବିଧା ଲାଗି ଷ୍ଟେଶନର ବହୁବିଧ ବିକାଶ ଜାରି ରହିଛି। ସମ୍ମୁଖରେ ଗ୍ରୀନ ସେଡ ନିର୍ମାଣ ସହ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଓ ଦୂରାଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ନିମନ୍ତେ ରାତ୍ରି ଆଶ୍ରୟ ସ୍ଥଳ ନିର୍ମାଣ ଚାଲିଛି। ଯେଉଁଥିପାଇଁ ଷ୍ଟେଶନ ସମ୍ମୁଖରେ ରହିଥିବା ୨ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାକୁ ବନ୍ଦ କରାଯାଇଛି। କିନ୍ତୁ ରେଳ ବିଭାଗ ପକ୍ଷରୁ କରାଯାଇଥିବା ଗୋଟିଏ ଅସ୍ଥାୟୀ ଫାଟକ ଦେଇ ଏତେ ଯାତ୍ରୀଙ୍କ ଯିବା ଆସିବା ସମ୍ଭବପର ହୋଇପାରୁ ନାହିଁ। ଏଣୁ ତୁରନ୍ତ ଆଉ ଏକ ଅସ୍ଥାୟୀ ଫାଟକ ଖୋଲାଯାଉ ବୋଲି ମଞ୍ଚ କହିଛି। ତେବେ ଷ୍ଟେସନ ପ୍ରବନ୍ଧକ ୨ୟ ଫାଟକ ଖୁବ ଶୀଘ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି। ବିକ୍ଷୋଭସ୍ଥଳରେ ମଞ୍ଚର ସଭାପତି ତ୍ରିନାଥ ମହାରଣାଙ୍କ ସମେତ ପ୍ରମୋଦ କୁମାର ସାହୁ, ହିମାଂଶୁ କୁମାର ପଟ୍ଟନାୟକ ଓ ସୀମାଞ୍ଚଳ ପତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଦୀନ ଦୟାଲଙ୍କ ବଳିଦାନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଭାଜପା ନେତା ଓ କର୍ମୀ।

**ବ୍ରହ୍ମପୁର,୧୧।୨(ନରସିଂହ ସାହୁ)**

ଭାଜପା ପୁରୁଣା ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ୫୬ତମ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରହଲ୍ଲାଦ ନଗରସ୍ଥ ଦଳର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କେ. ଟୁଙ୍ଗୁରୁ ପାତ୍ର ଅଧ୍ୟକ୍ଷତା କରିଥିଲେ। ଦୀନଦୟାଲଙ୍କ ଚିନ୍ତାଧାରାରେ କର୍ମୀମାନେ ଅନୁପ୍ରାଣିତ ହୋଇ ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସରେ କାମ କରିବାକୁ ସେ ସଚେତନ କରାଇଥିଲେ। ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ, ବରିଷ୍ଠ ନେତା ସୁନୀଲ ସାହୁ ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଜୀବନୀ ନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ବେହେରା, ନୃସିଂହ ସେଠୀ, ବାସନ୍ତି ପାତ୍ର, ସଂଜିବ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଦୀନ ଦୟାଲଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୟୁରୋ ସ୍କୁଲର ବାର୍ଷିକୋତ୍ସବ

**ଛତ୍ରପୁର,୧୧।୨(ଦିଲୀପ ସାମଲ)**


କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଛତ୍ରପୁର 'ୟୁରୋସ୍କୁଲ'ର ପଞ୍ଚମ ବାର୍ଷିକୋତ୍ସବ 'ଏସପାଇର' ଅଧ୍ୟକ୍ଷ ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଶକ୍ତି' ଏନ ଏଜୁକେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସୌଦାମିନୀ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହିପରି ଶିକ୍ଷାନୁଷ୍ଠାନ ଖୋଲିଲେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବି ସହାୟକ ହୋଇପାରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସପି ଜଗମୋହନ ମୀନା ଯୋଗଦେଇ ଶିଶୁଙ୍କ ଶୈକ୍ଷିକ ବିକାଶରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରିଟେବୁଲ ଟ୍ରଷ୍ଟର ଭାସ୍କର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଓ ପରିଚାଳନା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ରାଜେଶ କୁମାର ମହାପାତ୍ର, ପ୍ରିନ୍ସପାଲ କୁମାରୀ ତପସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୨୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଭଞ୍ଜନଗର,୧୧।୨(ବାବୁଲା ପ୍ରଧାନ)**



ମନ୍ତ୍ରୀ ଏକ ରାସ୍ତାର ଶିଳାନ୍ୟାସ କରୁଛନ୍ତି ।

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଭଞ୍ଜନଗର ବ୍ଲକ ଜିଲୁଣ୍ଡି ପଞ୍ଚାୟତରେ ୧୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଜିଲୁଣ୍ଡି ଭାୟା ମଳାସପଦର ବୁଡ଼ିଆମ୍ବା ରାସ୍ତା, ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ, ଲାଲସିଂ ପଞ୍ଚାୟତରେ ସାଢ଼େ ୧୩ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଲଣ୍ଡେଇସାହି ବାହାଡ଼ପଦର ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏଥିସହ ଅଗଝୋଳ ଲିଙ୍ଗରାଜ ଆରୁଖ କଲ୍ୟାଣ ମଣ୍ଡପ, ମୁକ୍ତାକାଶ ବ୍ୟାୟାମଶାଳା,ବାଉଁଶଲୁଣ୍ଡି ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ, କୁଲାଡ଼ ରୋଡ଼ରେ ଗୋପାଳ ସମାଜ ଗୋଷ୍ଠୀ କେନ୍ଦ୍ରକୁ ମନ୍ତ୍ରୀ ଆରୁଖ ଉଦଘାଟନ କରିଥିଲେ। ବାଉଁଶଲୁଣ୍ଡିଠାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଭାରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ,ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକ, ଯନ୍ତ୍ରୀ ଗୋପାଳ ବେହେରା, ଆରଡ଼ି ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁମ୍ନ ପଣ୍ଡା, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଯନ୍ତ୍ରୀ ରବିନ୍ଦ୍ର ନାୟକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ଶଙ୍କର ପ୍ରଧାନ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଜିଲୁଣ୍ଡି ସରପଞ୍ଚ ରଞ୍ଜିତ ଆରୁଖ, ସମିତିସଭ୍ୟ ରଣବିଜ ପ୍ରଧାନ, ଲାଲସିଂ ସରପଞ୍ଚ ଶିବରାମ ସାହୁ, ସାମାଜିକ କର୍ମୀ ବିଷ୍ଣୁ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଉପ ଜିଲାପାଳ କାର୍ଯ୍ୟାଳୟ ସେକ୍ସନ ଅଫିସର ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

## ସଂକ୍ଷେପରେ

### ମା’ କୁରେଇଶୁଣୀଙ୍କ ନୂତନ ମନ୍ଦିର ଭୂମିପୂଜା



ରାମଗିରି,୧୧।୨(ବୃନ୍ଦାବନ ଗୌଡ଼)

ଆର୍.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ମା’ କୁରେଇଶୁଣୀ ମନ୍ଦିର ପରିସରରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଦ୍ୱାରା ମା’ଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା କରାଯାଇଛି। ସର୍ବପ୍ରଥମେ ରାମଗିରି ଶ୍ରୀ ରାମେଶ୍ୱର ବଣିକ ସଂଘ ତରଫରୁ ଜିଲାପାଳଙ୍କ ସମେତ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ସହ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜିଲାପାଳ ପ୍ରଥମେ ମା’ କୁରେଇଶୁଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଶାନ୍ତ କୁମାର ଦାସ ଏବଂ ରଞ୍ଜିତ କୁମାର ଦାସଙ୍କ ଦ୍ୱାରା ଭୂମିପୂଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ସହ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ଓଡ଼ିଶା ସରକାରଙ୍କ ଆଦିବାସୀ ଉନ୍ନୟନ ସମବାୟ ନିଗମ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଆର୍.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ରାମଗିରି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝି, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି, ପାରଳାଖେମୁଣ୍ଡି ଏସିଇ ନରେନ୍ଦ୍ରନାଥ ମହାରଣା, ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ, ଏଇ ସୁଧୀର ପ୍ରଧାନ, ରାମଗିରି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ଏସ୍‌ଏଚ୍‌ଜିର ସମସ୍ତ ସଦସ୍ୟା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଜି.ଉଦୟଗିରି,୧୧।୨(ଶିଶିର ପଟ୍ଟନାୟକ)

ପଦ୍ମ ବେଶରେ ରବିବାର ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏଥିପାଇଁ ଜି.ଉଦୟଗିରି ଜଗନ୍ନାଥ ମନ୍ଦିର କମିଟି ତରଫରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଏଥିରେ କମିଟି ତରଫରୁ ଅଶୋକ କୁମାର ପାତ୍ର, ଅଶ୍ୱିନୀ କୁମାର ପାତ୍ରଙ୍କ ସହିତ ପୂଜକ ଅଚ୍ୟୁତ ପଣ୍ଡା, ଚନ୍ଦ୍ର କାନ୍ତ ପଣ୍ଡା, ମାନସ ପଣ୍ଡା ସହଯୋଗ କରିଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୧।୨ (ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଜୋନ-୧ ଜିଲା ପରିଷଦ ସଭ୍ୟା ଆର. ରାଜଲକ୍ଷ୍ମୀ, ବିଜେଡ଼ି ବ୍ଲକ ସଭାପତି ଅଖିଳ ପାତ୍ର, ଜିଲା ଉପସଭାପତି ଆର.ସତୀଶ ଓ ଦଳର ସମସ୍ତ କର୍ମୀ, ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ସମସ୍ତ ଘରେ ଶଙ୍ଖ ଚିହ୍ନ ଛପାଯାଇଥିଲା। ଉକ୍ତ ପଞ୍ଚାୟତର କିଡିଗାଁ ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପଞ୍ଚାୟତରେ ଥିବା ୭ଟି ଗ୍ରାମରେ ଘରେ ଘରେ ଶଙ୍ଖ ଚିହ୍ନ ଛପାଯିବ ବୋଲି ପର୍ଯ୍ୟବେକ୍ଷକ ମହାନ୍ତି କହିଛନ୍ତି।

### ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର

ଦିଗପହଣ୍ଡି,୧୧।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ରାମଜୀ ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନୀହାର ରଞ୍ଜନ କର ସଭାପତିତ୍ୱ କରିଥିଲେ। କୃଷି କ୍ଷେତ୍ରରେ ଜୈବ ବିଜ୍ଞାନର ଭୂମିକା ଶୀର୍ଷକ ପାଠଚକ୍ରକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବଦତ୍ତ ପଣ୍ଡା, ପ୍ରାଣୀ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ନୀଲମ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ଛାତ୍ରୀଛାତ୍ର ସେମାନଙ୍କ ସ୍ୱଲିଖିତ ସନ୍ଦର୍ଭପାଠ କରିଥିଲେ। ଶେଷବର୍ଷ ଛାତ୍ରୀ ସୋନାଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୧।୨ (ଗିରିଧାରୀ ପରିଛା)

## ଭୋଟ ବର୍ଜନ ଚେତାବନୀ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଏଠି ଲୋକଙ୍କ ଗମନାଗମନ ପାଇଁ ଗୋଟିଏ ଭଲ ରାସ୍ତା ନିର୍ମାଣ କରାଯାଇ ପାରିନାହିଁ। ଅନେକଥର ନିଜ ଗାଁ ରାସ୍ତା ସମସ୍ୟା ଗୁମ୍ମା ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନାହିଁ। ତେଣୁ ନିଜ ଗାଁ ରାସ୍ତା ମରାମତି ପାଇଁ ନିଜେ ଅଣ୍ଟା ଭିଡ଼ିଛନ୍ତି ଗୁମ୍ମା ବ୍ଲକର ଆବାଡ଼ା ଗ୍ରାମବାସୀ। ପ୍ରତିଦିନ ଯାତାୟାତ ପାଇଁ ନିର୍ଭର କରୁଥିବା ପାଦଚଲା ରାସ୍ତାରେ ମାଟି ପକାଇ ଭଲ ରାସ୍ତାଟିଏ ନିର୍ମାଣ କରିଛନ୍ତି ଗ୍ରାମପାସୀ। ପକ୍କାରାସ୍ତା ନିର୍ମାଣ ନ କରାଗଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଏହା ସଫଳ ହୋଇପାରୁନଥିବା ଅଭିଯୋଗ କରିଛନ୍ତି ଲୋକେ। ଗୁମ୍ମା ବ୍ଲକର ୧୨ଟି ଗାଁର ଲୋକ ଯେଉଁ ରାସ୍ତା ଉପରେ ନିର୍ଭର କରୁଛନ୍ତି, ବର୍ଷା ହେବା ମାତ୍ରେ ତାହା ଧୋଇଯାଉଛି। ରାସ୍ତା ଖରାପ କାରଣରୁ ଅନେକ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। କେବଳ ସେତିକି ନୁହେଁ, ପାହାଡ଼ିଆ ଅଞ୍ଚଳରେ ରାସ୍ତା ଖରାପ କାରଣରୁ ଗମନାଗମନରେ ଅସୁବିଧା ହେବା ସହ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ବିଷୟରେ ପ୍ରଶାସନକୁ ଅନେକ ଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ଫଳପ୍ରଦ ହୋଇପାରି ନାହିଁ। ଶେଷରେ ନିଜେ ଅଣ୍ଟା ଭିଡ଼ି ଗାଁ ରାସ୍ତାକୁ ସଜାଡୁଛନ୍ତି ଆବାଡ଼ା ଗ୍ରାମବାସୀ। ଏ ନେଇ ଗୁମ୍ମା ବିଡିଓ ଶରତ କୁମାର ପାତ୍ର କହିଛନ୍ତି ଯେ, ପୂର୍ବରୁ ବ୍ଲକ ପ୍ରଶାସନ ପାଖକୁ ଏ ବିଷୟରେ କୌଣସି ଅଭିଯୋଗ ଆସିନାହିଁ। ତେବେ ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଇ ଯଥାଶୀଘ୍ର ରାସ୍ତା ନିର୍ମାଣର ବ୍ୟବସ୍ଥା କରାଯିବ।

# ଘର ଖଣ୍ଡେ ନ ମିଳିବାରୁ ଧାରଣାରେ ବସିଲେ ୩ ଅସହାୟ

ମୋହନା,୧୧।୨(ମନ୍ମଥ ମିଶ୍ର)



ବ୍ଲକ ବାରଣ୍ଡାରେ ଧାରଣା।

ମୋହନା ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ଏକ କରୁଣ ଚିତ୍ର। ଶାରୀରିକ ଅକ୍ଷମତା ସହ ଦାରିଦ୍ର୍ୟ କାରଣ ପରିସ୍ଥିତି ସତ୍ତ୍ୱେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମିଳୁନି। ଯାହାଫଳରେ ବର୍ଷ ବର୍ଷ ଧରି ସରପଞ୍ଚଠାରୁ ବହୁ ବିଭାଗୀୟ ଅଧିକାରୀଙ୍କୁ ନିଜ ଦୁଃଖ ଜଣାଇବା ସତ୍ତ୍ୱେ ବାରମ୍ବାର ଖବର ପ୍ରସାରଣ ହୋଇଥିଲା। ଆବାସ ଯୋଜନା ନ ମିଳିବାରୁ ଶେଷରେ ନିରୁପାୟ ହୋଇ ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣାରେ ବସିଛନ୍ତି ଖାରିଗୁଡ଼ା ଗ୍ରାମର ସୁମିତ୍ରା ନାୟକ। ସୁମିତ୍ରା ନାୟକଙ୍କ ସହ ମାନସିକ ଭାରସାମ୍ୟ ହରାଇଥିବା ଝିଅ ଅମ୍ରିତା ନାୟକ ଓ କୋମଳମତି ଶିଶୁ କ୍ରିସ୍ ବଳିଆରସିଂ ଭଙ୍ଗା କୁଡିଆ ଘରେ ରହି ଆସୁଛନ୍ତି। ସରକାରଙ୍କ ତରଫରୁ ଭିନ୍ନକ୍ଷମ ଭତ୍ତା ଟଙ୍କା ମା’ ଓ ଝିଅଙ୍କୁ ମିଳୁଥିବା ବେଳେ କୋମଳମତି ଶିଶୁ ଘରେ ପଡ଼ି ରହିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ ହୋଇ ବ୍ଲକ ପରିସରରେ ଥିବା ମଣ୍ଡପରେ ତିନିଦିନ ଧରି ପଡ଼ି ରହିଛନ୍ତି। ଆମେ ଏ ନେଇ ମୋହନା ବିଡିଓ ହଳଧର ଶବରଙ୍କୁ ପଚାରି ବୁଝିଥିଲୁ ଅତିଶୀଘ୍ର ରହିବା ପାଇଁ ଘର ଖଣ୍ଡେ ବ୍ୟବସ୍ଥା କରି ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଏସ୍‌ଏଚ୍‌ଜିକୁ କୃଷି ଯନ୍ତ୍ରପାତି ବଣ୍ଟନ

ଫିରିଙ୍ଗିଆ,୧୧।୨(ବିକ୍ରମ ଦିଗାଲ)



ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ଆଇଟିଡିଏ ତରଫରୁ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ଗ୍ରାମପଞ୍ଚାୟତ କୁଡୁକି ଗାଁରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ବିଭାଗ ତରଫରୁ ଏକ ପାୱାରଟିଲର ଯୋଗାଇ ଦିଆଯାଇଛି। ଜୀବିକା ବିଶେଷଜ୍ଞ ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କୃଷି ଯନ୍ତ୍ର ପାୱାରଟିଲର ବଣ୍ଟନ କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆଁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସରପଞ୍ଚ ରଂଜିତା କହଁର, ବିଭାଗର ପ୍ରୋଜେକ୍ଟ ମ୍ୟାନେଜର ପି ମୁରଲୀ ମୋହନଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। କୁଡୁକି ଗାଁରେ ଥିବା ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ପାୱାରଟିଲର ଯୋଗାଇ ଦିଆଯାଇଛି।

# ଜିଲା ଇ-ପାଠାଗାର ପ୍ରତିଷ୍ଠା ଦିବସ

ଫୁଲବାଣୀ,୧୧।୨(ରାକେଶ କୁମାର ରାଉତ)

ଜିଲା ଇ-ପାଠାଗାରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବଣୁଆ, ଓଡ଼ିଆ ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଜିଲାରେ ଏପରି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଯୁବଗୋଷ୍ଠୀ କିପରି ଏଥିରେ ଯୋଡ଼ି ହୋଇ ପାରିବେ ତାହା ଉପରେ ଆଲୋଚନା କରିଥିଲେ। ସେହିପରି ସୋସିଆଲ ମିଡିଆର ବିଭିନ୍ନ ଦିଗକୁ ଆଲୋଚନା କରିବା ସହ ବହି ପଢ଼ିବାର ଆଗ୍ରହ ଓ ପାଠାଗାର ଏଥିରେ କିପରି ଗୁରୁ ଦାୟିତ୍ୱ ତୁଲାଇ ପାରିବ ସେ ଦିଗରେ କହିଥିଲେ। ଜିଲାର ଆଦିମ ସଂସ୍କୃତି, ଜ୍ଞାନକୌଶଳ କୁ ଇ- ପାଠାଗାରରେ ସଂଗୃହୀତ ରଖିବା ଓ ଏକ ସ୍ମରଣିକା ଆଗାମୀ ଦିନରେ ପ୍ରକାଶ ପାଇବା, ଲାଇବ୍ରେରୀରେ ପଠନ ଅଭ୍ୟାସର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି ଲାଇବ୍ରେରୀରେ ପଢ଼ି ବର୍ତ୍ତମାନ ସୁଦ୍ଧା ୧୦୩ ଜଣ ସଦସ୍ୟ ସରକାରୀ ଚାକିରିରେ ସଫଳତା ଲାଭ କରିଛନ୍ତି, ୮୯୪ ଜଣ ବର୍ତ୍ତମାନ ସୁଦ୍ଧା ସଦସ୍ୟ ଅଛନ୍ତି। ଦୈନିକ ୧୨୦ରୁ ଉର୍ଦ୍ଧ୍ୱ ପାଠିକାପାଠକ ଆସୁଛନ୍ତି। ୧୨ ଜଣ ବଦାନ୍ୟ ବ୍ୟକ୍ତି ୨୦୦ରୁ ଉର୍ଦ୍ଧ୍ୱ ଉପାଦେୟ ପୁସ୍ତକ ଦାନ କରିଛନ୍ତି। ୬ଟି ଦେଶର ଲାଇବ୍ରେରୀ ସହ ଏହାକୁ ସଂଯୋଗ ରଖାଯାଇଛି। ନିୟମିତ କ୍ୟାରିୟର କାଉନସେଲିଂ ସାଙ୍ଗକୁ ଲାଇବ୍ରେରୀ ସଦସ୍ୟଙ୍କୁ କିପରି ସହଜରେ ଚାକିରି ଓ କମ୍ପିଟେଟିଭ ପରୀକ୍ଷା ସୂଚନା ସୁବିଧାରେ ପହଞ୍ଚା ଯାଉଛି ତାହା ଉପରେ କୁହାଯାଇଥିଲା। ସହକାରୀ ଲାଇବ୍ରେରିଆନ୍ ପ୍ରଭାତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଲାଇବ୍ରେରିଆନ୍ ଶିବ ସୁନ୍ଦର ସାହୁ ଧନ୍ୟବାଦ୍ ଦେଇଥିଲେ।

# ସୁମଣ୍ଡଳ ସତ୍‌ସଙ୍ଗ ବିହାରର ବାର୍ଷିକୋତ୍ସବ



କୋଦଳା,୧୧।୨(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମମହୋତ୍ସବ ତଥା ସୁମଣ୍ଡଳ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠାତା ଓ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ୮ମ ବାର୍ଷିକୀ ଶୁଭ ଆଗମନୀ ସ୍ମୃତି ମହୋତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟସୂଚୀ ଅନୁଯାୟୀ ବ୍ରାହ୍ମମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ ବିନତି ପ୍ରାର୍ଥନା, ନଗର ସଙ୍କୀର୍ତ୍ତନ, ସଙ୍ଗୀତାଞ୍ଜଳି, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତି ପ୍ରାର୍ଥନା, ପ୍ରସାଦସେବନ, ଭଜନ କୀର୍ତ୍ତନ, ସତ୍‌ସଙ୍ଗ ସଦା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ସଦା ଆଲୋଚନା କାର୍ଯ୍ୟକ୍ରମରେ ରିତିକ୍ ଡ. ହିମାଂଶୁ ଚୌଧୁରୀ ଯୋଗଦେଇଥିଲେ।

# ‘ରାଜବନ୍ଦୀ’ ଉନ୍ମୋଚିତ

ବ୍ରହ୍ମପୁର,୧୧।୨(ସ୍ମୃତି ରଞ୍ଜନ ମାଲିକ)

କବି ଭଗବାନ ମିଶ୍ରଙ୍କ ରଚିତ ‘ରାଜବନ୍ଦୀ’ର ଉନ୍ମୋଚନ ଶକ୍ତି ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ସୁଶାନ୍ତ ଦାଶ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଏସ ରାମ କୁମାର ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିଶୁ ଗୌରବ କବି ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଥିଲେ। ବିଶିଷ୍ଟ ସଂସ୍କୃତି ଗବେଷକ ଡ ବଂଶୀଧର ସେଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ‘ରାଜବନ୍ଦୀ’ ଆମ ସନାତନ ଧର୍ମର ମୁଖ୍ୟ ବାର୍ତ୍ତାବହ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ଆଇନଜୀବୀ ଉମାକାନ୍ତ ମହାପାତ୍ର ଓ ସାହିତ୍ୟିକ ସୀମାଞ୍ଚଳ ମହାପାତ୍ର, ଲୋକନାଥ ମିଶ୍ର, ଲିଙ୍ଗରାଜ ମିଶ୍ର, ଅର୍ଚ୍ଚନା ମିଶ୍ର, ରାଜ ଲକ୍ଷ୍ମୀ ମିଶ୍ର ଓ ଗୀତାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଟିକିଟିରେ ସଚେତନତା ଶିବିର

ଟିକିଟି,୧୧।୨(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ଏନ୍‌ଏସିର ୧, ୬ ଓ ୧୦ ୱାର୍ଡରେ ବସ୍ତିବାସିନ୍ଦାଙ୍କୁ ନେଇ ଏକ ସଚେତନତା ଶିବିର ଟିକିଟିପେଣ୍ଠସ୍ଥିତ ଆଦର୍ଶ କଲୋନୀ ନିକଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ ଏବଂ ୩ କାଉନସିଲର ଯୋଗଦେଇ ଜନସାଧାରଣଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ୩ଟି ବସ୍ତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୯୪୬ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୩୧୨୬ପରିବାରଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜାଗାମିଶନ ଅଧୀନରେ ୭୨ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ମଞ୍ଜୁର ଏବଂ ୩ ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରୀକରଣ ,୧୮ଟି ରାସ୍ତାର ରୂପାନ୍ତରୀକରଣ ପାଇଁ ୧ କୋଟି ମଞ୍ଜୁର ଏବଂ ୫ କୋଟି ଟଙ୍କା ବିନିଯୋଗରେ ୨୧୬ ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ଆଦି ସୂଚନା ଦିଆଯାଇଥିଲା।

### ଭାଜପାର ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ

ମୋହନା,୧୧।୨(ମନ୍ମଥ ମିଶ୍ର)

ମୋହନାରେ ଭାଜପା ପକ୍ଷରୁ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିରରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯାନରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ବ୍ରହ୍ମପୁର ଲୋକ ସଭା ସଂଯୋଜିକା ବବିତା ପାତ୍ର ଯୋଗଦେଇ ଏହି ଅଭିଯାନ ସମ୍ପର୍କରେ କହିଥିଲେ। ଏହାପରେ ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ବରିଷ୍ଠ ନେତା ପ୍ରଶାନ୍ତ ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ କାମଦେବ ବଡନାୟକ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ବରିଷ୍ଠ ନେତା ବଳରାମ ଭୂୟାଁ, ନିର୍ବାଚନମଣ୍ଡଳୀ ବିସ୍ତାରକ ଆଦିତ୍ୟ କହଁର, ସୁଧୀର ପାଇକ, ମନୋଜ ସାହୁ, ମହିଳା ନେତ୍ରୀ ବନ୍ଦନା ବଡମୁଣ୍ଡି ଓ କୁନି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

ଫୁଲବାଣୀ,୧୧।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଶନିବାର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଜିଏନ୍‌ଏମ୍ ଟ୍ରେନିଂ କ୍ୟାମ୍ପସରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଦ୍‌ଘାଟନ କରିଥିଲେ। ଜିଲାର ଜନସାଧାରଣଙ୍କ ପାଖରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ପହଞ୍ଚି ସାମୂହିକ ଭାବେ ଔଷଧ ସେବନ କରାଇ ପାରିଲେ ଜିଲା ଫାଇଲେରିଆ ମୁକ୍ତ ହୋଇପାରିବ ବୋଲି କହିଥିଲେ। ୧୦ରୁ ୧୫ ବର୍ଷ ଯାଏ ଫାଇଲେରିଆ ଜୀବାଣୁ ଦେହରେ ରହିଥାଏ। ଏହା ସହଜରେ ଜଣାପଡେ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଔଷଧ ଖାଇବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ, ଡା.ସ୍ୱାତୀ କୁମାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଭୃତାଣୁ ବାହିତ ରୋଗ ପରାମର୍ଶଦାତା କୁମୁଦ ସାହୁ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ। ସଭା ପୂର୍ବରୁ ଏକ ସଚେତନତା ରଥକୁ ଜିଲାପାଳ ପାଟିଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ୧୯୭୨ ବ୍ୟାଚ୍‌ର ବନ୍ଧୁମିଳନ



ପୁରାତନ ଛାତ୍ରମାନଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷକମାନେ।

ପାରଳାଖେମୁଣ୍ଡି,୧୧।୨ (ଗିରିଧାରୀ ପରିଛା)

ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହାରେ ଦଶମ ଶ୍ରେଣୀରୁ ଉନ୍ନୀତ ଛାତ୍ର ମାନଙ୍କ ମଧ୍ୟରେ ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ବି.ଏନ. ପେଲେସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚରେ ଯେଉଁମାନଙ୍କ ମୃତ୍ୟୁ ଘଟିଛି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜରାଇ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନରେ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଶ ଓ ବିଦେଶରେ ଥିବା ବନ୍ଧୁମାନେ ଯୋଗଦେଇଥିଲେ। ଶେଷରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରି ପ୍ରତିବର୍ଷ ଏହି ବନ୍ଧୁମିଳନ ଏବଂ ଗୁରୁଶିଷ୍ୟ ପରମ୍ପରା ଉତ୍ସବ ଆୟୋଜନ କରିବା ପାଇଁ ସଂକଳ୍ପ କରିଥିଲେ।

# ଗଣ୍ଡାହାତୀରେ ଛାତ୍ରୀଛାତ୍ରଙ୍କ ପ୍ରକୃତି ଶିବିର




ଆର.ଉଦୟଗିରି, ୧୧।୨ (ମନୋଜ କୁମାର ପାଢୀ)

କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ୫୦ଜଣ ଛାତ୍ରୀଛାତ୍ର ପ୍ରଧାନଶିକ୍ଷକ ଲୋକନାଥ ନାହାକ ଓ ଇକୋ କ୍ଲବ ମାଷ୍ଟର ଟ୍ରେନେର ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରବିବାର ପର୍ଯ୍ୟଟନସ୍ଥଳ ଗଣ୍ଡାହାତିଠାରେ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହେନ୍ଦ୍ର ବନାଞ୍ଚଳ ରେଞ୍ଜ ଅଫିସର ଅମିତ ଶୁଭ୍ରଜିତ ମୁଖ୍ୟ ଅତିଥି ଭାବେ ଓ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ତ୍ରିପତି ପ୍ରସାଦ ପଣ୍ଡା, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ, ଫରେଷ୍ଟର ଅଶୋକ ଜେନା, ବନରକ୍ଷୀ କାଳୀପ୍ରସାଦ ଶବର, ରାଧାକୃଷ୍ଣ ପଣ୍ଡା, ଏସ. ରାମାରାଓ, ଟି ଗଙ୍ଗାଧର ପାତ୍ର ଯୋଗଦେଇଥିଲେ। ପ୍ଲାଷ୍ଟିକ ବର୍ଜନ, ପ୍ରକୃତି ସଂରକ୍ଷଣ,ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ବିଷୟରେ ସଚେତନ କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ଛାତ୍ରୀଛାତ୍ରମାନେ ପ୍ରକୃତି ସଂରକ୍ଷଣ ଉପରେ ସଚେତନ କରିଥିଲେ। ସାଧାରଣ ଜ୍ଞାନ ପରୀକ୍ଷାରେ ଅର୍ଣ୍ଣପୂର୍ଣ୍ଣା ସାହୁ ପ୍ରଥମ, ବାବୁଲା ପାଇକ ଦ୍ୱିତୀୟ, ମୁରଲୀଧର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନରେ ଭଗବାନ ମଣ୍ଡଳ ପ୍ରଥମ, ଗୋଲକ ରଇତ ଦ୍ୱିତୀୟ, ପ୍ରଦୀପ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଲୋକନାଥ ନାହାକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମଡର୍ନ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୧।୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ମଡର୍ନ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଷୋଡଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ସଭାପତି ଡ଼ା.ପ୍ରମୋଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ସାରା ଓଡ଼ିଶାର ଏକମାତ୍ର ଉକ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଛତ୍ରୀଛାତ୍ରମାନଙ୍କୁ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ଆଧାରରେ ଶିକ୍ଷା ପ୍ରଦାନ କରାଯାଉଥିବାର ଦେଖି ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ଼ା.ସନ୍ଧ୍ୟାରାଣୀ ଦାସ ଯୋଗଦେଇଥିଲେ। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଶାସକ ରବି ପ୍ରସାଦ ସାହୁକାର, ରମାକାନ୍ତ ରଥ, ରଶ୍ମି ରଞ୍ଜନ ସାହୁ, ପ୍ରଶାନ୍ତ ଚନ୍ଦ୍ର ମାଥନ,ସରୋଜ କୁମାର ଆଚାର୍ଯ୍ୟ, ସ୍କୁଲ କର୍ମଚାରୀ ଚିନ୍ମୟ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ହାତଗଣତି ଲୋକଙ୍କୁ ନେଇ ସଚେତନତା

ପାରଳାଖେମୁଣ୍ଡି, ୧୧।୨ (ଗିରିଧାରୀ ପରିଛା)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାଠାରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଷମା ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ସମିତି ସଭ୍ୟା ଗୋଲରୁ ଶୋଭାରାଣୀ, ଜିପିଓ ସେନାପତି ଶବର ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଲୋଚନକୁ ଆଣିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ରାୟଗଡ଼ ପଞ୍ଚାୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଦୀର୍ଘସମୟ ପର୍ଯ୍ୟନ୍ତ ଲୋକେ ନ ଆସିବାରୁ କିଛି ହାତଗଣତି ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚୌକି ଖାଲି, ଲୋକ କେହି ନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ ଅଧ୍ୟକ୍ଷା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ସତ୍ୟବାନ ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା ।

